# ORIYA

## ଓଡ଼ିଆ

## ତୃତୀୟ ପତ୍ର

## PAPER—III

## प्रश्न-पत्र—III

**NOTE:** This paper is of two hundred (200) marks containing four (4) sections. Candidates are required to attempt the questions contained in these sections according to the detailed instructions given therein.

ଏଇ ପତ୍ରଟି ଦୁଇଶହ (200) ନମ୍ବର ବିଶିଷ୍ଟ । ଏହାର ୪ଟି ବିଭାଗ ରହିଛି । ପ୍ରତ୍ୟେକ ବିଭାଗରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ସେଇ ବିଭାଗର ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

www.examrace.com

## SECTION - I

## ବିଭାଗ – I

**Note :** This section contains five (5) questions based on the following paragraph. Each question should be answered in about thirty (30) words and each carries five (5) marks. **(5x5=25 marks)**

ଗଦ୍ୟାଂଶଟିକୁ ଆଧାର କରି ଏଇ ବିଭାଗରେ ୫ଟି ପ୍ରଶ୍ନ କରାଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ପାଞ୍ଚ । **(5x5=25 marks)**

'ବନ୍ଦୀର ଆତ୍ମକଥା' ଏକ ସମସ୍ୟା ସଚେତନ ପ୍ରତିବଦ୍ଧ କାବ୍ୟପ୍ରୟାସ । ତେବେ କ'ଣ ସେ କାବ୍ୟ ଶପଥ ? କଣ ସେ ଆଭିମୁଖ୍ୟ ? ଖାଲି କଣ ଓଡ଼ିଶାର ଦୁର୍ଗତିରେ କବି ପ୍ରାଣର ବ୍ୟଥିତ ଦୀର୍ଘଶ୍ୱାସ ଓ ଓଡ଼ିଶାବାସୀଙ୍କ ପାଇଁ ଭବିଷ୍ୟତ କର୍ମପନ୍ଥାର କେତୋଟି ଉଚ୍ଛ୍ୱସିତ ବକ୍ତବ୍ୟ ? ଭାରତର ସ୍ୱାଧୀନତା ସଂଗ୍ରାମ ଓ ମହାତ୍ମା ଗାନ୍ଧିଙ୍କ ଅହିଂସା ଅସହଯୋଗ ଆନ୍ଦୋଳନକୁ ଆଗେଇ ନେବାକୁ ନେତୃତ୍ୱ ସୁଲଭ ଓ ସାରଗର୍ଭକ ଅଭିଭାଷଣ ? ସତ୍ୟ, ଅହିଂସା, ସାମ୍ୟ, ସଂସ୍କାର, ପରମ୍ପରା ଓ ବିଶ୍ୱଚେତନାରେ ବାଞ୍ଛିତ ହେବାପାଇଁ ତାତ୍‌କାଳିକ ସମାଜ ରାଜନୈତିକ ସ୍ୱର ସଂସ୍ୱର ? ପଲ୍ଲୀ ସଙ୍ଗଠନ, ଅନ୍ୟାୟର ପ୍ରତିରୋଧ ଓ ବୀରପରି ବିପଦକୁ ସମ୍ମୁଖୀନ ହେବାପାଇଁ କେତୋଟି ବାର୍ତ୍ତା ଓ ବନ୍ଦନିକା ? ମନେହୁଏ ଏସବୁ ଓ ଏହାଠାରୁ ଆହୁରି କିଛି ଅଧିକ, ଯାହା ଚିରନ୍ତନ ଜୀବନଧର୍ମରେ ଅନୁରଞ୍ଜିତ ଏକ ଉଚ୍ଛ୍ୱାସ ଧର୍ମୀ କାବ୍ୟ ପ୍ରବାହ । ତେଣୁ ଏହି କାବ୍ୟ ଚେତନାକୁ କଳନା କଲାବେଳେ ଏହାର ଐତିହାସିକ ଉପଯୋଗିତା ଓ ସମସାମୟିକ ପରିସ୍ଥିତିରେ ଏହାର ପ୍ରାଣ ପ୍ରତିଷ୍ଠାର ବିପୁଳ ବେଦନାବିଦ୍ଧ ବାତୁଣୀକୁ ଭୁଲିଗଲେ ଚଳିବ ନାହିଁ । କାରଣ 'ବନ୍ଦୀର ଆତ୍ମକଥା'ର ପ୍ରତିଟି ସ୍ୱରସଂସ୍ୱର ସହିତ ଜଣେ ସଂଗ୍ରାମୀ ପୁରୁଷର ଜୀବନବ୍ୟାପି ଅନୁଭୂତି ଏତେବେଶୀ ବିଜଡ଼ିତ ଯେ ସେସବୁକୁ ଅଲଗାଭାବରେ ବିସ୍ତର କରିବାର ନିରପେକ୍ଷତା ହୁଏତ ସମ୍ଭବ ହେବନାହିଁ । 'ଅବକାଶ ଚିନ୍ତା'ରେ ଯେଉଁ ଖଣ୍ଡିତ କାବ୍ୟବେଗ ଏକ ବିପୁଳ ପ୍ରତିଶ୍ରୁତିର ସମ୍ଭାବନା ଆଣିଥିଲା, 'ବନ୍ଦୀର ଆତ୍ମକଥା' ରେ ତାହାହିଁ ଏକ ବୃହତ୍ତର ନିଷ୍କ୍ରମଣର ପଥ ବାଛି ନେଇଛି । ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱଭାବେ ଏହାର ସ୍ରଷ୍ଟା ଓଡ଼ିଶାର ସମାଜ ଜୀବନ ଓ ଜାତୀୟ ଜୀବନର ସମସ୍ତ ଦିଗ ଓ ଦିଗନ୍ତକୁ ଆଲୋଡ଼ିତ କରିଛନ୍ତି । ସେ ବ୍ୟକ୍ତିତ୍ୱରେ ତେଣୁ ପରମ୍ପରା ଓ ପୁରୋଦୃଷ୍ଟିର ଯେଉଁ ମଧୁର ମିଳନ ସମ୍ଭବ ହୋଇଛି, ତାହାହିଁ ତାଙ୍କ କାବ୍ୟ ଚେତନାରେ ଆତ୍ମପ୍ରକାଶ କରିଥିବା ଲକ୍ଷ୍ୟ କରାଯିବ ।

1. 'ବନ୍ଦୀର ଆତ୍ମକଥା'ର କବିଙ୍କ ସଂକ୍ଷିପ୍ତ ପରିଚୟ ଦିଅ ।

www.examrace.com

2. ପ୍ରତିବଦ୍ଧ କାବ୍ୟପ୍ରୟାସ କହିଲେ କଣ ବୁଝାଯାଉଛି ?

3. ଏ କବିତା ଗୁଚ୍ଛର ସମାଜ ରାଜନୈତିକ ସ୍ତରରେ କେଉଁ ବିଭାବ ଗୁଡିକ ପ୍ରତିଫଳିତ ?

www.examrace.com

4. ଏ କବିତାକୁ ଆକଳନ କିପରି କରାଯିବ?

5. ପରମ୍ପରା ଓ ପୁରୋଦୃଷ୍ଟିର ମଧ୍ୟର ମିଳନ ଘଟିଲେ କଣ ବୁଝାଏ ?

## SECTION - II

## ବିଭାଗ – II

**Note :** This section contains fifteen (15) questions each to be answered in about thirty (30) words. Each question carries five (5) marks.

**(5x15=75 marks)**

ଏହି ବିଭାଗରେ (15) ଟି ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୩୦ଟି ଶବ୍ଦ ମଧ୍ୟରେ ଦେବା କୁ ହେବ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ପାଞ୍ଚ ।

**(5x15=75 marks)**

6. ଭାରତରେ କେତୋଟି ଭାଷା ପରିବାରର ଭାଷା ବର୍ତ୍ତମାନ କଥିତ ହେଉଛି ? ପ୍ରତ୍ୟେକ ପରିବାରରୁ ଅନ୍ତତଃ ଦୁଇଟି ଭାଷାର ଉଦାହରଣ ଦିଅ ।

www.examrace.com

7. ରସବାଦର ପ୍ରବକ୍ତାଙ୍କ ନାମୋଲ୍ଲେଖ କରି ରସନିଷ୍ପତ୍ତି ସମ୍ପର୍କୀୟ ସୂତ୍ରଟିକୁ ସଂକ୍ଷେପରେ ବ୍ୟାଖ୍ୟା କର ।

8. ଓଡ଼ିଆ ସାହିତ୍ୟକୁ ଫକୀରମୋହନଙ୍କ ଅବଦାନର ସୂଚନା ଦେଇ ତାଙ୍କ କୃତିର ବୈଶିଷ୍ଟ୍ୟ ଦେଖାଅ ।

www.examrace.com

9. ରୋମାଣ୍ଟିକ୍ କବିଭାବେ ରାଧାନାଥଙ୍କ କବିତାର ବୈଶିଷ୍ଟ୍ୟ ଦେଖାଅ।

10. ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଜଣେ ପ୍ରଗତିବାଦୀ କବି ଭାବେ ଉପସ୍ଥାପନା କର।

www.examrace.com

11. ଆଧୁନିକ ଓଡ଼ିଆ କବିତାର ଛନ୍ଦବୈଚିତ୍ର୍ୟ ବିଷୟରେ ସୂଚନା ଦିଅ ।

12. ଓଡ଼ିଆ ନାଟକରେ କିପରି ଲୋକ ଉପାଦାନ ପ୍ରୟୋଗ କରାଯାଇଛି ତାର ସୂଚନା ପ୍ରଦାନ କର ।

www.examrace.com

13. କାହ୍ନୁଚରଣଙ୍କ ରଚିତ ୫ଟି ଉପନ୍ୟାସର ନାମୋଲ୍ଲେଖ କରି ତନ୍ମଧ୍ୟରୁ ଗୋଟିଏ ଉପନ୍ୟାସର ବିଶେଷତ୍ୱ ବର୍ଣ୍ଣାଅ ।

14. ମନୋଜ ଦାସଙ୍କ ୫ଟି ଗଳ୍ପ ପୁସ୍ତକର ନାମୋଲ୍ଲେଖ କରିବା ସହିତ ତାଙ୍କ ଗଳ୍ପର ବାର୍ତ୍ତା ସମ୍ପର୍କରେ ସୂଚନା ଦିଅ ।

www.examrace.com

15. ଗୋପୀନାଥ ମହାନ୍ତି ଲେଖିଥିବା ଆଦିବାସୀ ପ୍ରସଙ୍ଗ ଭିତ୍ତିକ ଉପନ୍ୟାସର ପରିଚୟ ପ୍ରଦାନ କର ।

16. ପାଞ୍ଚଟି ଉତ୍କୃଷ୍ଟ ଭ୍ରମଣ କାହାଣୀର ନାମୋଲ୍ଲେଖ କରି ତୁମ ବିଚାରରେ ଶ୍ରେଷ୍ଠ ଜୀବନୀ ପୁସ୍ତକର ପରିଚୟ ପ୍ରଦାନ କର ।

www.examrace.com

17. ଶାରଳା ପୁରସ୍କାର ପ୍ରାପ୍ତ ୫ଟି ପୁସ୍ତକର ନାମୋଲ୍ଲେଖ ସହ ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

18. ରାଧାମୋହନ ଗଡ଼ନାୟକଙ୍କୁ ଜଣେ ବିଶିଷ୍ଟ ଗାଥାକବି ଭାବେ ଉପସ୍ଥାପନ କର ।

www.examrace.com

19. କବି ଉପେନ୍ଦ୍ରଭଞ୍ଜଙ୍କ ୫ଟି କାବ୍ୟର ନାମୋଲ୍ଲେଖ କରି ତାଙ୍କ କାବ୍ୟାବଳୀର ବିଭାଗୀକରଣ କର।

20. ସାରଳା ମହାଭାରତରୁ ନାରୀ ଚରିତ୍ରର ବୈଚିତ୍ର୍ୟ ବର୍ଣ୍ଣାଅ।

www.examrace.com

## SECTION - III

## ବିଭାଗ – III

**Note :** This section contains five (5) questions from each of the electives / specialisations. The candidate has to choose <u>only one</u> elective / specialisation and answer all the five questions from it. Each question carries twelve (12) marks and is to be answered in about two hundred (200) words.

**(12x5=60 marks)**

ଏହି ବିଭାଗରେ (5) ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ରହିଛି । ପ୍ରଶ୍ନଗୁଡ଼ିକ ସମୁଦାୟ (5) ଟି ବିଶେଷ ଅଧ୍ୟୟନ ନିମନ୍ତେ ଉଦ୍ଦିଷ୍ଟ ପ୍ରଭାଗ ମଧ୍ୟରୁ ପଚରା ଯାଇଅଛି । ଏଥିରୁ କେବଳ ଗୋଟିଏ ପ୍ରଭାଗରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ହେବ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ (200) ଶବ୍ଦ ମଧ୍ୟରେ ଦେବା ବିଧେୟ ଏବଂ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ (12) ନମ୍ବର ରହିଛି ।

**(12x5=60 marks)**

### ବିଶେଷ ଅଧ୍ୟୟନ-I
### ଲୋକସାହିତ୍ୟ ପ୍ରଭାଗ

**21.** ଲୋକସାହିତ୍ୟର ସଂଜ୍ଞା ଓ ସ୍ୱରୂପ ନିର୍ଦ୍ଧାରଣ କର ।

**22.** ଲୋକଗୀତ ଓଡ଼ିଆ ଜନଜୀବନର ଅକୃତ୍ରିମ ଅଭିବ୍ୟକ୍ତି ଆଲୋଚନା କର ।

**23.** ଓଡ଼ିଆ ଲୋକକାହାଣୀର ମୋଟିଫ୍ ତତ୍ତ୍ୱର ପ୍ରୟୋଗର ପ୍ରାସଙ୍ଗିକତା ବିଚାର କର ।

**24.** ଓଡ଼ିଆ ଲୋକନାଟକର ମଞ୍ଚଶିଳ୍ପ ଓ ଚରିତ୍ର ସମ୍ପର୍କରେ ଆଲୋଚନା କର ।

**25.** ଉଦାହରଣ ସହ ଲୋକସାହିତ୍ୟ ଅଧ୍ୟୟନରେ ଭ୍ଲାଦୋମିର ପ୍ରପ୍‌ଙ୍କ ପଦ୍ଧତିର ଉପଯୋଗିତା ବିଚାର କର ।

### ବିଶେଷ ଅଧ୍ୟୟନ-II
### ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ପ୍ରଭାଗ

**21.** ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଜଗନ୍ନାଥଙ୍କୁ କିପରି ରୂପାୟିତ କରାଯାଇଛି ଆଲୋଚନା କର ।

**22.** ଓଡ଼ିଆ ଜନଜୀବନକୁ ଜଗନ୍ନାଥ ଦାସଙ୍କ ଭାଗବତର ବାର୍ତ୍ତା ସମ୍ପର୍କରେ ଆଲୋଚନା କର ।

**23.** ଓଡ଼ିଆ କାବ୍ୟ ସାହିତ୍ୟର ଆଦିପର୍ବରେ ରଚିତ କଳ୍ପନିକ କାବ୍ୟମାନଙ୍କର ବିଷୟ ବୈଚିତ୍ର୍ୟ ସମ୍ପର୍କରେ ବିବେଚନା କର ।

www.examrace.com

**24.** ରୀତି କାବ୍ୟର ଲକ୍ଷଣ ଭିତ୍ତିରେ ଯେକୌଣସି ଗୋଟିଏ କାବ୍ୟର ଚର୍ଚ୍ଚା କର ।

**25.** ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶକ୍ରମ ନିର୍ଣ୍ଣୟ କର ।

### ବିଶେଷ ଅଧ୍ୟୟନ-III
### ଆଧୁନିକ କାବ୍ୟକବିତା ଓ ନାଟକ

**21.** ଗଙ୍ଗାଧରଙ୍କ କାବ୍ୟକବିତାରେ ପରଂପରା, ପ୍ରକୃତି ଓ ସୌନ୍ଦର୍ଯ୍ୟର ସୁଷମ ସମାବେଶ ଘଟିଛି  ଆଲୋଚନା କର ।

**22.** ସତ୍ୟବାଦୀ ଓ ସବୁଜ କାବ୍ୟ ଚେତନାର ତୁଳନାତ୍ମକ ମୂଲ୍ୟାଙ୍କନ କର ।

**23.** ପ୍ରାକ୍ ସ୍ୱାଧୀନତା ଓଡ଼ିଆ କବିତାରୁ ବାମପନ୍ଥୀ ଚେତନାର ସ୍ୱରୂପ ନିର୍ଦ୍ଧାରଣ କର ।

**24.** ରମାକାନ୍ତଙ୍କ କବିତାରେ ଜୀବନ ଓ ପ୍ରେମପ୍ରତି ପ୍ରକାଶ ପାଇଥିବା ଦୃଷ୍ଟିଭଙ୍ଗୀର ସ୍ୱରୂପ ନିର୍ଣ୍ଣୟ କର ।

**25.** ନାଟ୍ୟକାର ଭାବେ ବିଜୟ ମିଶ୍ରଙ୍କ ନାଟକର ମୂଲ୍ୟାଙ୍କନ କର ।

### ବିଶେଷ ଅଧ୍ୟୟନ-IV
### ଆଧୁନିକ ଗଦ୍ୟ ସାହିତ୍ୟ

**21.** ଓଡ଼ିଆ କଥା ସାହିତ୍ୟର ବିକାଶକ୍ରମରେ କାଳିନ୍ଦୀ ଚରଣଙ୍କ ସ୍ଥାନ ନିର୍ଣ୍ଣୟ କର ।

**22.** ଓଡ଼ିଆ ଉପନ୍ୟାସରେ ଗୋପୀନାଥ ମହାନ୍ତିଙ୍କ ବିଶେଷତ୍ୱ ପ୍ରଦର୍ଶନ କର ।

**23.** ଓଡ଼ିଆ ଗଳ୍ପ ସାହିତ୍ୟରେ ରେବତୀ ଚରିତ୍ରର ବିପୁଳ ରୂପାନ୍ତର ଘଟିଛି  ଆଲୋଚନା କର ।

**24.** ଆତ୍ମଜୀବନୀ ସଂପ୍ରତି ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ବିଭାଗ  ଏହି ମନ୍ତବ୍ୟର ଯାଥାର୍ଥ୍ୟ ପ୍ରତିପାଦନ କର ।

**25.** ଓଡ଼ିଆ ସମାଲୋଚନାର ସଫଳତା ଓ ବିଫଳତା ସମ୍ପର୍କରେ ନିଜସ୍ୱ ଅଭିମତ ପ୍ରଦାନ କର ।

### ବିଶେଷ ଅଧ୍ୟୟନ-V
### ଭାଷାତତ୍ତ୍ୱ ପ୍ରଭାଗ

**21.** ସାମ୍ପ୍ରତିକ ଭାଷା ପରିସ୍ଥିତିରେ ହିନ୍ଦୀ ରାଷ୍ଟ୍ରଭାଷା ହେବା କେତେଦୂର ସମୀଚୀନ  ବିଗ୍ଭର କର ।

**22.** ଓଡ଼ିଆ ଭାଷାର ବିକାଶକ୍ରମ ନିର୍ଦ୍ଧାରଣ କର ।

**23.** ସ୍ୱର ତ୍ରିକୋଣ ଅଙ୍କନ କରି ଆଇ.ପି.ଏ ମାନସ୍ୱର ଓ ଓଡ଼ିଆ ସ୍ୱରଧ୍ୱନିର ସ୍ଥାନ ନିର୍ଦ୍ଦେଶ କର ।

**24.** ମାନକଓଡ଼ିଆ ଓ ପଶ୍ଚିମ ଓଡ଼ିଶାର ଭାଷା ମଧ୍ୟରେ ଭାଷାତାତ୍ତ୍ୱିକ ପାର୍ଥକ୍ୟ ନିରୂପଣ କର ।

**25.** 'ପରଜା' ଉପନ୍ୟାସକୁ ଭିତ୍ତିକରି ଗୋପୀନାଥଙ୍କ ଭାଷା ପ୍ରୟୋଗର ବୈଶିଷ୍ଟ୍ୟ ଦେଖାଅ ।

www.examrace.com

## SECTION - IV

## ବିଭାଗ – IV

**Note :** This section consists of one essay type question of forty (40) marks to be answered in about one thousand (1000) words on any of the following topics. This question carries 40 marks.

**(40x1=40 marks)**

ଏହି ବିଭାଗରେ ଦିଆଯାଇଥିବା ୩ଟି ବିଷୟ ମଧ୍ୟରୁ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ପ୍ରାୟ (1000) ଶବ୍ଦ ମଧ୍ୟରେ ଲେଖ । ଏହାର ମୂଲ୍ୟ ଚାଳିଶ (40) ।

**(40x1=40 marks)**

**26.** (କ) ଭାରତର ବୈଦେଶିକ ନୀତିର ସଫଳତା

(ଖ) ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସାହିତ୍ୟର ଉପଯୋଗିତା

(ଗ) ଜଗତୀକରଣ ଓ ଇଂରେଜୀ ଭାଷା

www.examrace.com

| FOR OFFICE USE ONLY | | | | | | | |
|---|---|---|---|---|---|---|---|
| Marks Obtained | | | | | | | |
| Question Number | Marks Obtained | Question Number | Marks Obtained | Question Number | Marks Obtained | Question Number | Marks Obtained |
| 1 | | 26 | | 51 | | 76 | |
| 2 | | 27 | | 52 | | 77 | |
| 3 | | 28 | | 53 | | 78 | |
| 4 | | 29 | | 54 | | 79 | |
| 5 | | 30 | | 55 | | 80 | |
| 6 | | 31 | | 56 | | 81 | |
| 7 | | 32 | | 57 | | 82 | |
| 8 | | 33 | | 58 | | 83 | |
| 9 | | 34 | | 59 | | 84 | |
| 10 | | 35 | | 60 | | 85 | |
| 11 | | 36 | | 61 | | 86 | |
| 12 | | 37 | | 62 | | 87 | |
| 13 | | 38 | | 63 | | 88 | |
| 14 | | 39 | | 64 | | 89 | |
| 15 | | 40 | | 65 | | 90 | |
| 16 | | 41 | | 66 | | 91 | |
| 17 | | 42 | | 67 | | 92 | |
| 18 | | 43 | | 68 | | 93 | |
| 19 | | 44 | | 69 | | 94 | |
| 20 | | 45 | | 70 | | 95 | |
| 21 | | 46 | | 71 | | 96 | |
| 22 | | 47 | | 72 | | 97 | |
| 23 | | 48 | | 73 | | 98 | |
| 24 | | 49 | | 74 | | 99 | |
| 25 | | 50 | | 75 | | 100 | |

Total Marks Obtained (in words) ....................................

(in figures) ....................................

Signature & Name of the Coordinator ...............................

(Evaluation) Date ...............................

www.examrace.com